# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 2 February - 2026

**********************************

## ମୁଖ୍ୟ ସମ୍ବାଦ

- ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍‌ରେ ଓଡ଼ିଶାରେ ରେଳବାଇର ବିକାଶ ପାଇଁ ୧୦ ହଜାର ୯୨୮ କୋଟି ଟଙ୍କା ଆବଣ୍ଟିତ
- ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହି ପଦକ୍ଷେପ ଉପଯୋଗୀ ସାବ୍ୟସ୍ତ ହେବ; କହିଲେ ମୁଖ୍ୟମନ୍ତ୍ରୀ

– କେନ୍ଦ୍ରୀୟ ବଜେଟ୍ ପୂର୍ବୋଦୟ ମିଶନ ଅଧୀନରେ ଓଡ଼ିଶାର ପ୍ରଗତି ପଥକୁ ଅଧିକ ପ୍ରଶସ୍ତ କରିବା ନେଇ ଆଶାବ୍ୟକ୍ତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ଆଜିଠାରୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି

ଏବଂ

- ରାୟଗଡ଼ା ଜିଲ୍ଲାରେ ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୦୯ଟି ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

Desk

## ରେଳ ବଜେଟ୍

୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍‌ରେ ଓଡ଼ିଶାରେ ରେଳବାଇ କ୍ଷେତ୍ର ପାଇଁ ୧୦ ହଜାର ୯୨୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ରେଳ ଭିତ୍ତିଭୂମି ବିକାଶ, ନୂତନ ରେଳପଥ ନିର୍ମାଣ, ରେଳ ଷ୍ଟେସନ୍‌ଗୁଡ଼ିକର ପୁନଃବିକାଶ, ଯାତ୍ରୀ ସୁରକ୍ଷାକୁ ସୁନିଶ୍ଚିତ କରିବା ନେଇ ଏହି ଅର୍ଥ ଖର୍ଚ୍ଚ କରାଯିବ। ରାଜ୍ୟରେ ରେଳବାଇ କ୍ଷେତ୍ରରେ ୯୦ ହଜାର ୬୫୯ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି। ଅମୃତ ଷ୍ଟେସନ୍ ଯୋଜନା ଅଧୀନରେ ରାଜ୍ୟର ୫୯ଟି ଷ୍ଟେସନ୍‌କୁ ପୁନଃ ବିକଶିତ କରିବା ପାଇଁ ଚିହ୍ନଟ କରାଯାଇଛି। ଏଥିପାଇଁ ୨ ହଜାର ୪୩୯ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଇତିମଧ୍ୟରେ ୬ଟି ଷ୍ଟେସନ୍‌ର କାର୍ଯ୍ୟ ଶେଷ ହୋଇଛି। ରାଜ୍ୟର ସମସ୍ତ ରେଳପଥ ଇତିମଧ୍ୟରେ ବିଦ୍ୟୁତିକରଣ ହୋଇସାରିଥିବା ଭାରତୀୟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାରେ ରେଳବାଇ କ୍ଷେତ୍ରରେ ଘଟିଥିବା ବ୍ୟାପକ ପରିବର୍ତ୍ତନ ଉପରେ ଆଲୋକପାତ କରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

**- V/O –**

BBSR/R

## ମୁଖ୍ୟମନ୍ତ୍ରୀ– ରେଳ ବଜେଟ୍

ରାଜ୍ୟରେ ରେଳ ଭିତ୍ତିଭୂମି ବିକାଶ ପାଇଁ ବଜେଟ୍‌ରେ ଆବଣ୍ଟିତ ଅର୍ଥ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଅର୍ଥମନ୍ତ୍ରୀ

ନିର୍ମଳା ସୀତାରମଣ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟ ଶ୍ରୀ ମାଝୀ କହିଛନ୍ତି, ସମୃଦ୍ଧ ଓଡ଼ିଶା ଗଠନ ଦିଗରେ କେନ୍ଦ୍ର ସରକାରଙ୍କ ଏଭଳି ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଉପଯୋଗୀ ସାବ୍ୟସ୍ତ ହେବ। ବଜେଟ୍‌ରେ ଅନୁମୋଦିତ ପୂର୍ବ–ପଶ୍ଚିମ ପରିବହନ କରିଡର ରାଜ୍ୟର ଶିଳ୍ପ ଏବଂ ବାଣିଜ୍ୟିକ କ୍ଷେତ୍ରରେ ଏକ ନୂତନ ଯୁଗର ଶୁଭାରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରେଳପଥରେ ହାତୀ ମୃତ୍ୟୁ ରୋକିବା ପାଇଁ କୃତ୍ରିମ ବୁଦ୍ଧିମତା ଆଧାରିତ ଥର୍ମାଲ କ୍ୟାମେରା ଏବଂ ଅପ୍ଟିକାଲ ଫାଇବର କେବୁଲ ଆଦିର ଉପଯୋଗ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

Desk

## କେନ୍ଦ୍ରୀୟ ବଜେଟ୍

ଓଡ଼ିଶାରେ ରେଳ ବିକାଶ ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ପ୍ରଦାନ କରାଯାଇଥିବା ଅନୁଦାନ ପୂର୍ବୋଦୟ ମିଶନ ଅଧୀନରେ ଓଡ଼ିଶାର ପ୍ରଗତିର ପଥକୁ ଅଧିକ ପ୍ରଶସ୍ତ କରିବ ବୋଲି କେନ୍ଦ୍ରୀୟମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ୨୦୦୯ରୁ ୨୦୧୪ ମସିହା ମଧ୍ୟରେ ଓଡ଼ିଶାକୁ ମିଳିଥିବା ରେଳ ଅନୁଦାନ ଏବେ ହାରାହାରି ୧୩ ଗୁଣ ବୃଦ୍ଧି ପାଇଛି। ପ୍ରସ୍ତାବିତ ସ୍ୱତନ୍ତ୍ର ପଶ୍ଚିମ-ପୂର୍ବ ଫ୍ରେଟ୍ କରିଡର ଓଡ଼ିଶାର ଅର୍ଥନୀତି ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

Puri

## ଉପମୁଖ୍ୟମନ୍ତ୍ରୀ- ବଜେଟ୍

ଦେଶରେ ଦକ୍ଷ ମାନବ ସମ୍ବଳ ସୃଷ୍ଟି ଏବଂ ଆତ୍ମନିର୍ଭର ଭାରତ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ଓ ବର୍ଦ୍ଧିତ କ୍ରୟ ଶକ୍ତିକୁ କେନ୍ଦ୍ର ବଜେଟ୍ ଗୁରୁତ୍ୱ ପ୍ରଦାନ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ପୁରୀ ସର୍କିଟ ହାଉସଠାରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ସେ କହିଛନ୍ତି, ଜାତୀୟ ଜଳପଥ ପରିବହନ ଉପରେ ପ୍ରାଧାନ୍ୟ ଦିଆଯାଇଛି। ନଡ଼ିଆ ଏବଂ କାଜୁ ଚାଷ ପାଇଁ ସ୍ୱତନ୍ତ୍ର ଯୋଜନା ରହିଥିବା ସହ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ପାଇଁ କେତେକ ପ୍ରସ୍ତାବ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

Desk/Puri/V/

## ବଜେଟ୍-ବ୍ୟୟବରାଦ

ଚଳିତ କେନ୍ଦ୍ରୀୟ ବଜେଟ୍‌ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜାତୀୟ ଅଭିବୃଦ୍ଧି ହାରକୁ ଆହୁରି ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ଗରିବ, ଯୁବପିଢ଼ି, ଚାଷୀ, ମହିଳା ଏବଂ ମଧ୍ୟବର୍ତ୍ତୀ ଶ୍ରେଣୀକୁ ଆହୁରି ସଶକ୍ତ କରିବା ପାଇଁ ସରକାର ବଜେଟ୍‌ରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି।

ପୁରୀର ଶିକ୍ଷାବିତ୍ ଡକ୍ଟର ବିଶ୍ୱନାଥ ମିଶ୍ର ବଜେଟ୍‌କୁ ସ୍ୱାଗତ କରି ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

# ରାଷ୍ଟ୍ରପତି - ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତି ଆସନ୍ତାକାଲି ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରାଜାଙ୍କୁ ଦର୍ଶନ କରିବା ସହ ନାଭିଗୟାରେ ପିଣ୍ଡଦାନ କରିବେ। ପରେ ବାଲେଶ୍ୱର ଫକିରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ନବନିର୍ମିତ ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିବେ । ଆସନ୍ତା ବୁଧବାର ଭଞ୍ଜବୀର ସୁନାରାମ ସୋରେନ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ ତଥା ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ମହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀମତୀ ମୁର୍ମୁ ସରକାରୀ ଆୟୁର୍ବେଦ ମେଡିକାଲ୍ କଲେଜ ଓ ହସ୍ପିଟାଲ୍, ଓ.ୟୁ.ଏ.ଟି. କ୍ୟାମ୍ପସ୍, ସହରୀ ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ରାଷ୍ଟ୍ରପତି ଆସନ୍ତା ୬ ତାରିଖ ଶୁକ୍ରବାର ଦିନ ଶିମିଳିପାଳଠାରେ ଆଦିବାସୀ ସମ୍ପ୍ରଦାୟର ମହିଳା ଏବଂ ଯୁବକମାନଙ୍କ ସହ ଭାବ ବିନିମୟ କରିବା ପରେ ଭୁବନେଶ୍ୱରରେ ବ୍ଲାକ୍ ସ୍ୱାନ୍ ସମ୍ମିଟ୍‌ରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

Rayagada

## ମୁଖ୍ୟମନ୍ତ୍ରୀ- ପ୍ରକଳ୍ପର ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାୟଗଡ଼ା ଜିଲ୍ଲାରେ ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୦୯ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାୟଗଡ଼ାରେ ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ରାୟଗଡ଼ାରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପାଇଁ ଯୋଜନାର ରହିଛି। ଏହି ସମସ୍ତ ଶିଳ୍ପ ସଂସ୍ଥାଗୁଡ଼ିକରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ଲାଗି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ମା’ ମଝିଘରିଆଣୀ ମନ୍ଦିରର ଉନ୍ନତକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ୩୭ କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ସୁଭଦ୍ରା ଶକ୍ତି ମେଳାର ମଧ୍ୟ ଉଦ୍‌ଘାଟନ କରିଛନ୍ତି।

HS

## ଅର୍ଥ ବିଭାଗ-ଅଧିକାରୀ ବଦଳି

ଅର୍ଥ ବିଭାଗର ବଦଳି ହୋଇଥିବା ଅଧିକାରୀ ନୂଆ ସ୍ଥାନରେ ଯୋଗ ଦେଇନଥିବା ଅଭିଯୋଗ ନେଇ ଅଧିସୂଚନା ଜାରି କରାଯାଇଛି। ଭୁବନେଶ୍ୱର ଲୋକସେବା ଭବନ ସ୍ଥିତ ବିଭାଗୀୟ କାର୍ଯ୍ୟାଳୟର ୧୦ ଜଣ ଅଧିକାରୀଙ୍କୁ ଏଥିପାଇଁ ନୋଟିସ ଦିଆଯାଇଛି। ୭ ଦିନ ମଧ୍ୟରେ ବଦଳି ସ୍ଥାନରେ ଯୋଗ ନ ଦେଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ

ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ସମ୍ପୃକ୍ତ ଅଧିକାରୀଙ୍କ କ୍ଷେତ୍ରରେ ବଦଳି ଆଦେଶ କାର୍ଯ୍ୟକାରୀ ନ ହେବା ଯୋଗୁଁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ଅର୍ଥ ବିଭାଗ କହିଛି।

Desk

## ଖଣିଜ ଟ୍ରଷ୍ଟ ବୋର୍ଡ

ଯାଜପୁର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ବୋର୍ଡ ଗଠନ ବିଜ୍ଞପ୍ତି ଉପରେ ଓଡ଼ିଶା ହାଇକୋର୍ଟ ମଧ୍ୟବର୍ତ୍ତୀକାଳୀନ ଆଦେଶ ପ୍ରଦାନ କରିଛନ୍ତି। ପିମ୍ପୁଡ଼ିଆ, ହରିପୁର ଏବଂ ଧୂଳିଗଡ଼ ସରପଞ୍ଚ ଅଣଖଣି ଅଞ୍ଚଳର ହୋଇଥିବାରୁ ସେମାନଙ୍କୁ ବାଦ୍ ଦେଇ ନୂତନ ବୋର୍ଡ ଗଠନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ବୋର୍ଡ ଗଠନ କରିବାକୁ ହାଇକୋର୍ଟ ଉନ୍ନୟନ କମିଶନରଙ୍କୁ କହିଛନ୍ତି।

CTC

## ଅମୃତ ମହୋତ୍ସବ

କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ୪ ଦିନ ଧରି ଚାଲିଥିବା ଦିବ୍ୟଜୀବନ ସଂଘର ଅମୃତ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଏକ ସର୍ବଧର୍ମ ସଦ୍‌ଭାବନା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଗଜପତି ମହାରାଜ ଦିବ୍ୟସିଂହଦେବ ଉଦ୍‌ଯାପନୀ ସମାରୋହରେ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କଟକ ଦିବ୍ୟଜୀବନ ସଂଘର ୭୫ତମ

ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ମହୋତ୍ସବରେ ଦେଶବିଦେଶର ବହୁ ଧର୍ମଗୁରୁ ଏବଂ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

Kalahandi

## ସମ୍ପୂର୍ଣ୍ଣ ଅଭିଯାନ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ସମ୍ପୂର୍ଣ୍ଣତା ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଅଭିଯାନର ଶୁଭାରମ୍ଭ କରିବା ଅବସରରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସମ୍ପୂର୍ଣ୍ଣତା ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦୨୪ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ସମ୍ପୂର୍ଣ୍ଣତା ଅଭିଯାନର ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲା ଉତ୍କର୍ଷ ପ୍ରତିପାଦନ କରି ବ୍ରୋଞ୍ଜ ପଦକ ହାସଲ କରିଛି।

BHK

## ମହାବିଦ୍ୟାଳୟ ବାର୍ଷିକ ସମାରୋହ

ଭଦ୍ରକ ଜିଲ୍ଲା ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ୬୧ତମ ବାର୍ଷିକ ସମାରୋହକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉଦ୍‌ଘାଟନ କରିଛନ୍ତି। ଗୁଣାତ୍ମକ ତଥା ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଗ୍ରହଣ ମାଧ୍ୟମରେ ଉତ୍ତମ ଚରିତ୍ର ଗଠନ ସହ ଶୃଙ୍ଖଳା ରକ୍ଷା କରି ସମାଜରେ ଜଣେ ଭଲ ମଣିଷ ହେବାକୁ ମନ୍ତ୍ରୀ ଶ୍ରୀ ସୁରଜ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

Deogarh

## କୃଷି ଯନ୍ତ୍ରପାତି

ଦେବଗଡ଼ ଜିଲ୍ଲା କୃଷି ବିଭାଗ ପକ୍ଷରୁ ପ୍ରଧାନପାଟ ବଡ଼ବଗିଚାଠାରେ ଚାଲିଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଉଦଯାପିତ ହୋଇଛି। ଏହି ଅବସରରେ ଜିଲ୍ଲାର କୃଷି, ମତ୍ସ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ରହିଥିବା ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ମେଳାରେ ବିଭିନ୍ନ ବିଭାଗର ୫୦ଟି ପ୍ରଦର୍ଶନୀ ମଣ୍ଡପ ଖୋଲା ଯାଇଥିଲା।

Nayagarh

## ପିଏମ୍‌ଶ୍ରୀ ଉତ୍ସବ

ନୟାଗଡ଼ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଆଜି ନୟାଗଡ଼ ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ପିଏମ୍‌ଶ୍ରୀ ଯୋଜନା ମାଧ୍ୟମରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି।

Boudh

## ଆତ୍ମରକ୍ଷା ତାଲିମ

ବୌଦ୍ଧ ପଞ୍ଚାୟତ କଲେଜ ପରିସରରେ ୧୦ ଦିନିଆ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଶିକ୍ଷା

ଅନୁଷ୍ଠାନର ଛାତ୍ରୀ ଯୋଗଦେଇ ଆତ୍ମରକ୍ଷା ନେଇ ତାଲିମ ଗ୍ରହଣ କରିଥିଲେ ।

Boudh/BHK/S.pur/Ganjam/D.garh/N.rangpur/Boudh/K.para/N.garh/Khurda/

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।

ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୯୦ଟି ଅଭିଯୋଗ ଉପରେ ଶୁଣାଣି ହୋଇଛି । ୫ଟି ଅଭିଯୋଗର ତତ୍କାଳନ ସମାଧାନ କରାଯାଇଛି ।

ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ୩୪ଟି ଅଭିଯୋଗ ଉପରେ ଶୁଣାଣି କରାଯାଇଛି । ୧୫ ଜଣଙ୍କୁ ଜିଲ୍ଲା ରେଡକ୍ରସ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ରାଶି ବାବଦରେ ୮୪ ହଜାର ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

କେନ୍ଦ୍ରପଡ଼ା ଆଳି ବ୍ଲକଠାରେ ଅନୁଷ୍ଠିତ ଶିବିରରେ ୧୩୨ଟି ଅଭିଯୋଗର ଶୁଣାଣି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୧୫୫ଟି ଅଭିଯୋଗର ଶୁଣାଣି ହୋଇଛି ।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବିରରେ ୭୨ଟି ଅଭିଯୋଗର ଶୁଣାଣି ହେବା ସହିତ ସେଥିମଧ୍ୟରୁ ୧୬ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ।

ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୩୮ଟି ଅଭିଯୋଗ ଉପରେ ଶୁଣାଣି ହୋଇଛି ।

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୩୫ଟି ଅଭିଯୋଗର ଶୁଣାଣି ହୋଇଛି ।

ଗଞ୍ଜାମ ଜିଲ୍ଲା ଯଉଗଡ଼ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୨୧୧ଟି ଅଭିଯୋଗ ଶୁଣାଣି ହୋଇଛି । ୨୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧ ଲକ୍ଷ ୩୭ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଛି ।

ସୁବର୍ଣ୍ଣପୁର ପଞ୍ଚାୟତ ସମିତି ସଭାଗୃହଠାରେ ଅନୁଷ୍ଠିତ ଶିବିରରେ ୨୭ଟି ଅଭିଯୋଗର ଶୁଣାଣି ହୋଇଛି ।